# ରଶ୍ମିରେଖା ମସ୍‌ରୁମ ସିଡସ୍ – ଏକ ସଫଳ କାହାଣୀ

ଶ୍ରୀ ସଞ୍ଜିତ କୁମାର ମହାନ୍ତି, ଘର ଗୋବର୍ଦ୍ଧନପୁର, ପିପିଲି, ପୁରୀ । ୧୯୯୮ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାରରୁ Economics ରୁ ଏମ୍.ଏ. ପାସ କଲାପରେ ଏମ୍.ଫିଲ କଲେ । ତାପରେ ୨୦୦୩ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ Agri Business Managementରେ ଏମ.ବି.ଏ ଡିଗ୍ରୀ ହାସଲ କଲେ । ଉଚ୍ଚ ଶିକ୍ଷିତ ହୋଇ ମଧ ଚାକିରି ପ୍ରତି ତାଙ୍କର କେବେ ବି ଆକର୍ଷଣ ନ ଥିଲା । ସେହି ସମୟରେ ଖବର କାଗଜରେ ଏକ ବିଜ୍ଞାପନ ଦେଖି ଆପିକଲକୁ Agri Business Management ରେ Entrepreneurship Development Training Programme (EDP) ପାଇଁ ଆବେଦନ କଲେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ରାଜ୍ୟ କୃଷିନୀତି ପ୍ରଣୟନ ହେଲାପରେ କୃଷି କ୍ଷେତ୍ରରେ ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ଆକର୍ଷିତ କରି ବ୍ୟବସାୟିକ ଭିତ୍ତିରେ କୃଷି ଉଦ୍ୟୋଗ (Commercial Agri Enterprise) ସ୍ଥାପନ କରିବା ନିମନ୍ତେ EDP ମାଧମରେ ପ୍ରଶିକ୍ଷଣ ଦିଆଯାଉଥିଲା । ଆପିକଲରୁ ପ୍ରଶିକ୍ଷଣ ପାଇ ସାରି ୨୦୦୪ ମସିହାରେ ଶ୍ରୀ ମହାନ୍ତି ନିଜ ଗାଁରେ ଛତୁ ଚାଷ ଆରମ୍ଭ କଲେ । ଛତୁରୁ ଯଥେଷ୍ଟ ଲାଭ ହେଉଥିବାର ଦେଖି ତଥା ରାଜ୍ୟରେ ଉନ୍ନତ ମାନର ଛତୁ ମଞ୍ଜି ର ଅଭାବକୁ ଉପଲବ୍ଧି କରି ୨୦୦୫ ମସିହାରେ ଟ.୨.୫୦ ଲକ୍ଷ ଟଙ୍କା ମୂଳଧନ ବିନିଯୋଗ କରି ଏକ ଛତୁ ମଞ୍ଜି ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କଲେ । ସେଥିପାଇଁ ସେ ଟ.୧.୭୫ ଲକ୍ଷ ଟଙ୍କା ବ୍ୟାଙ୍କ ଋଣ ମଧ ନେଇଥିଲେ । ଉଦ୍ୟୋଗଟି ୨୦୦୬ ମସିହାରେ କାର୍ଯ୍ୟକ୍ଷମ ହେଲା ଏବଂ ସେଥିପାଇଁ ରାଜ୍ୟ ସରକାରଙ୍କ କୃଷିନୀତିରେ ଉପଲବ୍ଧ ଟ.୪୩,୫୩୬.୦୦ ଟଙ୍କାର ରିହାତି (subsidy) ସେ ଆପିକଲରୁ ପାଇଥିଲେ । ଓଡିଶାରେ ଯଥେଷ୍ଟ ପରିମାଣରେ ପାଳ ଛତୁ ମିଳୁଥିବାରୁ ତଥା ଛତୁର ବଜାର ଚାହିଦାକୁ ଦେଖି **ପରବର୍ତ୍ତୀ** ସମୟରେ ଛତୁ ପ୍ରକ୍ରିୟାକରଣ ପାଇଁ ଶ୍ରୀ ମହାନ୍ତି ମନସ୍ଥ କଲେ । ସେଥିପାଇଁ ସେ ଓଡିଶା କୃଷି ବିଶ୍ୱବିଦ୍ୟାଳୟ ସହିତ CFTRI, Mysore, DMR, Solan, Himachal Pradesh ତଥା KVK, Sutur, Karnataka, KVK, Jabalpur, Madhya Pradesh, CIPHET, Ludhiana, Punjab, ICAR,

New Delhi ପ୍ରଭୃତିରୁ ଛତୁ ମଞ୍ଜି ଉତ୍ପାଦନ ତଥା ଛତୁ ପ୍ରକ୍ରିୟାକରଣ ସମ୍ବନ୍ଧରେ ପ୍ରଶିକ୍ଷଣ ନେଇଛନ୍ତି । ଏଥି ସହିତ ଭାରତ ବାହାରେ ଯଥା Thailand & Malaysia ପ୍ରଭୃତି ଦେଶରେ ଏସମ୍ବନ୍ଧରେ ପ୍ରଶିକ୍ଷଣ ନେଇ ୨୦୦୯ ମସିହାରେ ନିଜ ଗାଁରେ ରଶ୍ମିରେଖା ମସରୁମ ନାମରେ ଏକ ଛତୁ ପ୍ରକ୍ରିୟାକରଣ କେନ୍ଦ୍ର ସ୍ଥାପନ କଲେ । ଏଥିପାଇଁ କୌଣସି ବ୍ୟାଙ୍କ ତାଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ଆଗଭର ହେଲାନାହିଁ । ତେଣୁ ନିଜର କିଛି ଜମି ବିକ୍ରିକରି ତଥା ବାପାଙ୍କ ଠାରୁ ପଇସା ନେଇ ଟ.୧୯.୫୦ ଲକ୍ଷ ଟଙ୍କା ବ୍ୟୟରେ ଛତୁ ପ୍ରକ୍ରିୟାକରଣ କେନ୍ଦ୍ର ସ୍ଥାପନ କଲେ । ୨୦୧୨ ମସିହାରେ ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେଲା । ସେଥିପାଇଁ ସେ ଆପିକଲରୁ ଟ.୬,୦୫.୦୭୩.୦୦ ଟଙ୍କାର ରିହାତି Capital Investment Subsidy ଆକାରରେ ପାଇଲେ । ଆଜିର ଦିନରେ ତାଙ୍କ unit ରୁ ଛତୁ ସୁପ ପାଉଡର, ଛତୁ ଆଚାର, ଛତୁ ବଡି ଓ ପାମ୍ପଡ ତଥା Dehydrated mushroom ଉତ୍ପାଦନ ହେଉଛି । ଶ୍ରୀ ମହାନ୍ତିଙ୍କ କହିବା ଅନୁଯାୟୀ ତାଙ୍କ ଫର୍ମରୁ ଦିନକୁ ପାଖା ପାଖି ୬୦-୭୦ କିଲୋଗ୍ରାମ ଛତୁ ଉତ୍ପାଦନ ହୋଇଥାଏ । ଯେଉଥିରୁ କି ସେ ବର୍ଷକୁ ୧୦ କୁଇଣ୍ଟାଲ( ୧୦୦୦ କିଲୋଗ୍ରାମ) ଛତୁ ଆଚାର ତଥା ୫୦କୁଇଣ୍ଟାଲ (୫୦୦୦ କେ.ଜି.) ଶୁଖିଲା ଛତୁ ଉତ୍ପାଦନ କରିଥାନ୍ତି । ଏହି ଶୁଖିଲା ଛତୁରୁ ବଡି, ପାମ୍ପଡ ତଥା ସୁପ ପାଉଡର ତିଆରି ହୋଇଥାଏ । ଏହି ପ୍ରକଳ୍ପରୁ ବର୍ଷକୁ ଟ.୭.୦୦ ରୁ ଟ.୮.୦୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଭ ପାଉଛନ୍ତି ବୋଲି କହନ୍ତି ଶ୍ରୀ ସଞ୍ଜିତ ମହାନ୍ତି ।

ଭବିଷ୍ୟତରେ Mushroom Canning Unit ଟିଏ କରିବା ପାଇଁ ଶ୍ରୀ ମହାନ୍ତି ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି । ପାଳ ଛତୁର ବଜାର ଚାହିଦା ଏତେ ବେଶି ଯେ ଓଡିଶା ସହିତ ରାୟପୁର ତଥା ପଶ୍ଚିମ ବଙ୍ଗକୁ ମଧ ସେ ଛତୁର ବିଭିନ୍ନ ପ୍ରକ୍ରିୟାକୃତ ସାମଗ୍ରୀ ପଠାଉଛନ୍ତି । ରଶ୍ମିରେଖା ମସରୁମ ୟୁନିଟ୍ ଭିତରେ ନିଜେ ଏକ ଟ୍ରେନିଙ୍ଗ ସେଣ୍ଟର ମଧ ଶ୍ରୀ ମହାନ୍ତି ସ୍ଥାପନ କରିଛନ୍ତି, ଯେଉଁଠାରେ କି OUAT ତଥା Centurion University, Paralakhemundi ପ୍ରଭୃତି ସଂସ୍ଥାରୁ ପିଲାମାନେ ଆସି ତାଲିମ ନେଉଛନ୍ତି । ବିଭିନ୍ନ ସଂସ୍ଥାରୁ ସମ୍ମାନିତ ହୋଇଥିବା ଶ୍ରୀ ମହାନ୍ତି ଯୁବଉଦ୍ୟୋଗୀମାନଙ୍କ ପାଇଁ ଏକ ଉଦାହରଣ ।


Mahindra
Samriddhi


INTERNATIONAL



